**ପ୍ରେସ ରିଲିଜ୍**

# ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ

ପୁରୀ, ତା ୨୯.୬ :- ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତ ନୀତି ଯଥା ବ୍ରହ୍ମ ସଂସ୍ଥାପନ, ବିଗ୍ରହ ପାତାଳି ଦୃଶ୍ୟ, ଶ୍ରୀବିଗ୍ରହ ନିର୍ମାଣ ସଂପର୍କରେ କିଛି ଭ୍ରମାତ୍ମକ ତଥା ବିଭ୍ରାନ୍ତିକର ଫଟୋ ଯେଭଳି ଭାବରେ କିଛି ଦିନ ହେବ ସୋସିଆଲ ମିଡ଼ିଆମାନଙ୍କରେ ପ୍ରକାଶ ପାଉଛି, ତାହାର ବିଧିବଦ୍ଧ ତଦନ୍ତ ପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଆଜି କ୍ରାଇମ୍ ବ୍ରାଞ୍ଚ ଏ.ଡ଼ି.ଜିଙ୍କୁ ପତ୍ର ମାଧମରେ ଏଫ୍.ଆଇ.ଆର୍ ଭାବରେ ଗ୍ରହଣ କରିବା ନିମନ୍ତେ ଅନୁରୋଧ କରାଯାଇଛି ।

ସୋସିଆଲ ମିଡ଼ିଆରେ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମ, ପୁରାତନ ବିଗ୍ରହ ପାତାଳି ହେବାର ଦୃଶ୍ୟ, ଶ୍ରୀବିଗ୍ରହ ନିର୍ମାଣ ଇତ୍ୟାଦି କେତେକ ତଥ୍ୟ ବିହୀନ ଫଟୋ ଯାହା ଦେଖିବାକୁ ମିଳୁଛି ତାହା ସଂପୂର୍ଣ୍ଣ କପୋଳକଳ୍ପିତ ଏବଂ ସେଥିରେ କୌଣସି ସତ୍ୟତା ନଥିବା କଥା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି ଏକ ଇସ୍ତାହାରରେ କୁହାଯାଇଥିଲା । ଏହାର ସତ୍ୟାସତ୍ୟ ସଂପର୍କରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଅନୁସନ୍ଧାନ କରାଯାଇଁଥିଲା । ଅନୁସନ୍ଧାନରୁ ଜଣାପଡ଼ିଛି, ସୋସିଆଲ ମିଡ଼ିଆରେ ଯାହା ଜଗନ୍ନାଥଙ୍କ ବ୍ରହ୍ମ ଫଟୋ ବୋଲି ପ୍ରସାରିତ କରାଯାଉଅଛି ତାହା ବାସ୍ତବିକ୍ ୪ବର୍ଷ ପୂର୍ବରୁ ସ୍ଥାନିତ କରାଯାଇଥିଲା । ହିମାଂଶୁ ସିଂଘଲ ନାମକ ବ୍ୟକ୍ତି ୨୦୧୧ ମସିହା ଅକ୍ଟୋବର ୧୪ ତାରିଖରେ 'ମତ୍ସ୍ୟ ଶାଳଗ୍ରାମ' ଶୀର୍ଷକ ଏକ ଭିଡ଼ିଓ ଫଟୋ ଚିତ୍ର You-tube ସୋସିଆଲ ମିଡ଼ିଆରେ ପ୍ରେରଣ କରିଥିଲେ ।

ସୂଚନାଯୋଗ୍ୟ, ରାଜୀବ ସିଂହଲ ଜଣେ ଜଣାଶୁଣା ବିଶେଷଜ୍ଞ ଯିଏକି ଶାଳଗ୍ରାମ ଉପରେ ଗବେଷଣା ଜାରି ରଖିଛନ୍ତି । ସେ ଉପରୋକ୍ତ ମତ୍ସ୍ୟ ଶାଳଗ୍ରାମର ବିଶେଷତ୍ୱ, ରୂପରେଖ, ଆବଶ୍ୟକତା, ଉତ୍ପତ୍ତି ସ୍ଥଳ ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି , ଯାହାର ସୂଚନା You-tube ରେ ଦିଆଯାଇଛି । ତାଙ୍କ ଗବେଷଣା ଆଧାରିତ ମତ୍ସ୍ୟ ଶାଳଗ୍ରାମକୁ ହିମାଂଶୁ ସିଂଘଲ ନାମକ ବ୍ୟକ୍ତି ଯେଉଁ ଶାଳଗ୍ରାମ You-tube ରେ ପ୍ରେରଣ କରିଛନ୍ତି ତାହା ବାସ୍ତବିକ୍ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମ ନୁହେଁ ।

ତେଣୁ ସୋସିଆଲ ମିଡ଼ିଆ ଓ ଗଣମାଧମରେ ପ୍ରଦର୍ଶିତ ବ୍ରହ୍ମ ଫଟୋକୁ ଦେଖି ଶ୍ରଦ୍ଧାଳୁ ଭକ୍ତମାନେ ଅଯଥାରେ ଭ୍ରମିତ ନ ହେବାକୁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଅନୁରୋଧ କରାଯାଉଛି । ଏହି ସଂପର୍କରେ ସଠିକ୍ ତଥ୍ୟ ଅବଗତ ନିମନ୍ତେ ଇଚ୍ଛୁକ ବ୍ୟକ୍ତିମାନେ କମ୍ପ୍ୟୁଟର ବା ମୋବାଇଲ୍‌ରେ You-tube ଖୋଲି ସେଥିରେ Matsya Salagrama (ମତ୍ସ୍ୟ ଶାଳଗ୍ରାମ) ସାଇଟ୍‌ରେ ଦେଖିପାରିବେ ।

ଲୋକସଂପର୍କ ଅଧିକାରୀ
ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ